# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14 March – 2025**

# ଦୋଳ ହୋଲି

ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ମାଧୁର୍ଯ୍ୟକୁ ନେଇ ଯୁଗଯୁଗ ଧରି ପାଳିତ ହୋଇଆସୁଥିବା ମହୋତ୍ସବ ଗୁଡ଼ିକ ମଧ୍ୟରେ ଦୋଳଯାତ୍ରା ଓ ହୋଲି ଏକ ଶ୍ରେଷ୍ଠ ଗଣପର୍ବ ଭାବେ ପାଳନ କରାଯାଇଥାଏ । ବସନ୍ତଋତୁକୁ ସ୍ୱାଗତ କରିବାକୁ ଏହି ପର୍ବ ସ୍ନେହ, ସଦ୍ଭିଚ୍ଛା, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ପ୍ରତୀକ ଭାବେ ପାଳନ କରାଯାଉଛି । ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳଯାତ୍ରା ଆଜି ଦୋଳପୂର୍ଣ୍ଣମୀରେ ରାଧାକୃଷ୍ଣ ମନ୍ଦିର କିମ୍ବା ଶ୍ରୀଜଗନ୍ନାଥ ମନ୍ଦିରର ଚଳନ୍ତି ପ୍ରତିମାଙ୍କୁ ଦୋଳ ବା ବିମାନରେ ବସାଇ ଦୋଳ ମେଳଣ କରାଯାଇଥାଏ । ଓଡ଼ିଆ ଜ୍ୟୋତିର୍ବିଦ୍‌ଙ୍କ ତଥ୍ୟ ଅନୁସାରେ, ଦୀର୍ଘ ୮ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳ ପର୍ବ ପାଳିତ ହୋଇ ଆସୁଛି । ଏହି ପର୍ବ ୫ ଦିନ ମହାସମାରୋହରେ ପାଳିତ ହୋଇଥିବାରୁ ଏହାକୁ ରଜଦୋଳ ବା ପଞ୍ଚୁଦୋଳ କୁହାଯାଇଥାଏ । ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଇଥାଏ ।

## ଶ୍ରୀମନ୍ଦିରରେ ଦୋଳ ଉତ୍ସବ

ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଇଛି । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଯାଇ ଦୋଳବେଦୀ ଦୋଳିରେ ଆଜି ବିଜେ ହେବେ । ସେଠାରେ ଶ୍ରୀଜୀଉଙ୍କ ଫଗୁ ଖେଳ ଅନୁଷ୍ଠିତ ହେବ । ଏହି ଅବସରରେ ପାରମ୍ପରୀକ ରୀତିନୀତିମତେ ଶ୍ରୀଜୀଉମାନଙ୍କ ସମ୍ମୁଖରେ ଦୋଳବେଦୀ ଉପରେ ନୂତନ ପଞ୍ଜିକା ପାଠ କରାଯିବ ।

## ଆବାସ ଗ୍ରାମୀଣ ଯୋଜନା ସର୍ଭେ

ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାର ସର୍ଭେ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି, ଆବାସ ଯୋଜନା ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ସର୍ଭେ ପ୍ରକ୍ରିୟାରେ ଚିହ୍ନଟ କରାଯାଉଛି । ବର୍ତ୍ତମାନ ସୁଦ୍ଧା ସର୍ଭେରେ ୧୯ଲକ୍ଷ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି । ଦିବ୍ୟାଙ୍ଗ ଏବଂ ବିଧବା ମହିଳାଙ୍କୁ ଆବାସ ଗ୍ରାମୀଣ ଯୋଜନାରେ ବାସଗୃହ ଯୋଗାଇଦେବା ନେଇ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

## ୱେଭ୍ସ୍

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍‌କୁ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆନିମେସନ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ ପାଇଁ ୭୮ ଜଣ ନିର୍ମାତା ମନୋନୀତ ହୋଇଛନ୍ତି ।

ସୂଚନାଯୋଗ୍ୟ, ୱେଭ୍ସ୍ ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି କେନ୍ଦ୍ର ସରକାର ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରୁଛନ୍ତି ।

## ରାଜ୍ୟ କ୍ୟାପ୍‌ଟିଭ୍ ଖଣି

ରାଜ୍ୟରେ ଗୁରୁ ଖଣିଜ ଓ ଲଘୁ ଖଣିଜ ପଦାର୍ଥ ଉତ୍ପାଦନ ଲାଗି ୩୮୩ଟି ଖଣି ରହିଛି । ସେଥିମଧ୍ୟରୁ ୧୭୦ ରୁ ଅଧିକ ଖଣି କାର୍ଯ୍ୟକ୍ଷମ ନଥିବା ନେଇ ବିଧାନସଭାରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ରାଜ୍ୟରେ କୋଇଲା, ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ୍, କ୍ୱାର୍ଜାଇଟ୍, କ୍ରୋମାଇଟ୍, ଗ୍ରାଫାଇଟ୍, ଚୂନପଥର ଓ ଡେଲାମାଇଟ୍ ଖଣି ରହିଛି । ମୋଟ୍ ଖଣି ମଧ୍ୟରୁ ୩୮ଟି କ୍ୟାପ୍‌ଟିଭ୍ ଖଣି ଥିବାବେଳେ ଅବଶିଷ୍ଟ ଖଣି ଅଣକ୍ୟାପ୍‌ଟିଭ୍ ଥିବା ବିଧାନସଭାରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

# ରିଡିଂ ରୁମ୍

ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଢେଙ୍କାନାଳ ଜିଲ୍ଲାର ୩ଟି ବିଦ୍ୟାଳୟରେ ପ୍ରତିଷ୍ଠା କରାଯାଇଥିବା ଡିଜିଟାଲ୍ ରିଡିଂ ରୁମ୍‌କୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ଆଧୁନିକ ଡିଜିଟାଲ୍ ଶିକ୍ଷଣ ଉପକରଣରେ ସୁବିଧା ପ୍ରଦାନ କରିବା ସହ ଶବ୍ଦକୋଷ ବୋଧଗମ୍ୟତା ଏବଂ ଯୋଗାଯୋଗ ଦକ୍ଷତାକୁ ବଢ଼ାଇବାରେ ଡିଜିଟାଲ୍ ରିଡିଂ ରୁମ୍ ସହାୟକ ହୋଇଛି । ଜିଲ୍ଲାର ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟ, ସାରଙ୍ଗଧର ଉଚ୍ଚବିଦ୍ୟାଳୟ ଓ ହିନ୍ଦୋଳ ସରକାରୀ ଉଚ୍ଚବିଦ୍ୟାଳୟରେ ଏହି ଡିଜିଟାଲ ରିଡିଂ ରୁମ୍ ପ୍ରତିଷ୍ଠା କରାଯାଇଛି ।

# ସମାରୋହ

ଭଦ୍ରକ ଶହୀଦ ସ୍ମୃତି ଭବନଠାରେ କାନ୍ତକବି ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ ସମାରୋହ ଗତକାଲି ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ୮୭ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପୋର୍ଟାଲ

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ଇ-ନିବେଦନ ପୋର୍ଟାଲ ଆରମ୍ଭ କରାଯାଉଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି । ଏହା ସହିତ ହ୍ୱାଟ୍‌ସଆପ୍

ନମ୍ବର-୭୬୫୩-୮୦୭-୯୫୩ ରେ ନିଜ ମୋବାଇଲ୍‌ରୁ ହ୍ୱାଟ୍‌ସ୍‌ଆପ୍ କରି ଅଭିଯୋଗ ଜଣାଇ ପାରିବେ ।

## ହକି

୭୩ତମ ସର୍ବଭାରତୀୟ ହକି ଚାମ୍ପିୟାନ୍‌ସିପ୍ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ଅପ୍ରେଲ ମାସ ୭ ତାରିଖରୁ ଆରମ୍ଭ ହେବ । ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏ ସଂପର୍କରେ ହୋଇଥିବା ଏକ ବୈଠକରୁ ମିଳିଥିବା ସୂଚନା ଅନୁସାରେ, ୨୭ଟି ପୁରୁଷ ଏବଂ ୧୦ଟି ମହିଳା ପୋଲିସ୍ ଦଳ ଚମ୍ପିୟାନ୍‌ସିପ୍‌ରେ ଭାଗ ନେବେ । ଦେଶ ବିଦେଶରୁ ଆନ୍ତର୍ଜାତିକ ହକି ଖେଳାଳିମାନେ ଏଥିରେ ଅଂଶ ଗ୍ରହଣ କରିବାର ସମ୍ଭାବନା ରହିଛି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମାତ୍ରା ବୃଦ୍ଧି ପାଉଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଚଳିତବର୍ଷର ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାରେ ଗତକାଲି ୪୧ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକରେ ତାପମାତ୍ରା ପ୍ରାୟ  ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ଥିଲା । ରାଜ୍ୟର ୧୫ଟି ସହରର ତାପମାତ୍ରା ୩୯ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିବା

ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଆଜି କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୁଳ, ବୌଦ୍ଧ, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସାମାନ୍ୟ ଅଧିକ ହେବ ।